# ବୃତ୍ତ

## କେନ୍ଦ୍ରବିନ୍ଦୁ , ଜ୍ୟା , ବ୍ୟାସାର୍ଦ୍ଧ , ବ୍ୟାସ , ସ୍ପର୍ଶକ

## ଚାପ , ପରିଧି, କ୍ଷେତ୍ରଫଳ

# କେନ୍ଦ୍ରବିନ୍ଦୁ

- ବୃତ୍ତ – ଗୋଟିଏ ସମତଳରେ ଅବସ୍ଥିତ କୌଣସି ଏକ ଦତ୍ତ ବିନ୍ଦୁ ଠାରୁ ଏକ ନିର୍ଦ୍ଦିଷ୍ଟ ଦୂରତାରେ ଅବସ୍ଥିତ ସମସ୍ତ ବିନ୍ଦୁର ସେଟ୍‌କୁ ବୃତ୍ତ କୁହାଯାଏ ।




- କେନ୍ଦ୍ରବିନ୍ଦୁ – ବୃତ୍ତର ମଧ୍ୟ ଅଂଶକୁ କେନ୍ଦ୍ରବିନ୍ଦୁ କୁହାଯାଏ ।

# ବ୍ୟାସାର୍ଦ୍ଧ

ବ୍ୟାସାର୍ଦ୍ଧ – କେନ୍ଦ୍ରବିନ୍ଦୁରୁ ବୃତ୍ତ ଉପରିସ୍ଥ ବିନ୍ଦୁକୁ ଅଙ୍କାଯାଇ ଥିବା ରେଖାକୁ ବ୍ୟାସାର୍ଦ୍ଧ କୁହାଯାଏ ।

- ✓ ବୃତ୍ତର ପ୍ରତ୍ୟେକ ବ୍ୟାସାର୍ଦ୍ଧର ଦୈର୍ଘ୍ୟ ସମାନ ଥାଏ ।
- ✓ ବୃତ୍ତରେ ଅସଂଖ୍ୟ ବ୍ୟାସାର୍ଦ୍ଧ ଅଙ୍କନ କରାଯାଇ ପାରେ ।
- ✓ ଗୋଟିଏ ରେଖାଖଣ୍ଡ ସର୍ବାଧିକ ଦୁଇଟି ବୃତ୍ତର ବ୍ୟାସାର୍ଦ୍ଧ ହୋଇପାରିବ ।



# ବ୍ୟାସ

ବ୍ୟାସ – ବୃତ୍ତର କେନ୍ଦ୍ରବିନ୍ଦୁ ଦେଇ ଯେଉଁ ରେଖାଖଣ୍ଡ ଯାଏ, ତାହାକୁ ବ୍ୟାସ କୁହାଯାଏ ।

- ବ୍ୟାସକୁ ବୃତ୍ତର ବୃହତ୍ତମ ଜ୍ୟା କୁହାଯାଏ ।
- ବୃତ୍ତରେ ଅସଂଖ୍ୟ ବ୍ୟାସ ଅଙ୍କନ କରାଯାଇ ପାରେ ଏବଂ ପ୍ରତ୍ୟେକ ବ୍ୟାସର ଦୈର୍ଘ୍ୟ ସମାନ ଥାଏ ।



# ଜ୍ୟା

ଜ୍ୟା – ବୃତ୍ତ ଉପରିସ୍ଥ ଏକ ବିନ୍ଦୁରୁ ବୃତ୍ତ ଉପରିସ୍ଥ ଅନ୍ୟ ଏକ ବିନ୍ଦୁକୁ ଯୋଗ କରୁଥିବା ରେଖାଖଣ୍ଡକୁ ଜ୍ୟା କୁହାଯାଏ ।

- ବୃତ୍ତରେ ଅସଂଖ୍ୟ ଜ୍ୟା ଅଙ୍କନ କରାଯାଇପାରେ ।
- ବୃତ୍ତର ସମାନ ଦୈର୍ଘ୍ୟ ବିଶିଷ୍ଟ ଜ୍ୟା ମାନଙ୍କୁ ସର୍ବସମ ଜ୍ୟା କୁହାଯାଏ ।
- ଗୋଟିଏ ରେଖାଖଣ୍ଡ ଅସଂଖ୍ୟ ବୃତ୍ତର ଜ୍ୟା ହୋଇପାରିବ ।



# ସ୍ପର୍ଶକ

- ସ୍ପର୍ଶକ – ବୃତ୍ତ ଉପରିସ୍ଥ ଯେକୌଣସି ଗୋଟିଏ ବିନ୍ଦୁକୁ ସ୍ପର୍ଶକରି ଯାଇଥିବା ସରଳରେଖାକୁ ସ୍ପର୍ଶକ କୁହାଯାଏ ।




- ବୃତ୍ତରେ ଅସଂଖ୍ୟ ସ୍ପର୍ଶକ ଅଙ୍କନ କରାଯାଇ ପାରିବ ।

# ବିନ୍ଦୁର ଅବସ୍ଥିତି

- ବୃତ୍ତର ବାହାରେ ଥିବା ବିନ୍ଦୁ ମାନଙ୍କୁ ବହିଃସ୍ଥ ବିନ୍ଦୁ କୁହାଯାଏ ।
- ବୃତ୍ତର ଭିତରେ ଥିବା ବିନ୍ଦୁ ମାନଙ୍କୁ ଅନ୍ତଃସ୍ଥ ବିନ୍ଦୁ କୁହାଯାଏ ।
- ବୃତ୍ତର ପରିଧି ଉପରେ ଥିବା ସମସ୍ତ ବିନ୍ଦୁ ମାନଙ୍କୁ ବୃତ୍ତ ଉପରିସ୍ଥ ବିନ୍ଦୁ କୁହାଯାଏ ।



# ଚାପ

- ଚାପ – ପରିଧିର ଯେକୌଣସି ଏକ ଖଣ୍ଡକୁ ଚାପ କୁହାଯାଏ ।
- ବୃତ୍ତର ଚାପର ଡିଗ୍ରୀର ପରିମାପ ୩୬୦° ଅଟେ ।
- ଯେଉଁଚାପର ଡିଗ୍ରୀର ପରିମାପ ୧୮୦° ରୁ ଅଧିକ ତାହାକୁ ବୃହତ୍ତମ ଚାପ କୁହାଯାଏ ।
- ଯେଉଁଚାପର ଡିଗ୍ରୀର ପରିମାପ ୧୮୦° ରୁ କମ୍ ତାହାକୁ କ୍ଷୁଦ୍ରତମ ଚାପ କୁହାଯାଏ ।



# ପରିଧି , ବୃତ୍ତର କ୍ଷେତ୍ରଫଳ

- ପରିଧି – ବୃତ୍ତର ପରିସୀମାକୁ ପରିଧି କୁହାଯାଏ ।

- ବୃତ୍ତର କ୍ଷେତ୍ରଫଳ – ବୃତ୍ତର ପରିଧି ଦ୍ୱାରା ଆବଦ୍ଧ ସମଗ୍ର ଭିତର ଅଂଶକୁ ବୃତ୍ତର କ୍ଷେତ୍ରଫଳ କୁହାଯାଏ ।

